**ଜଳଛତ୍ର ଖୋଲିବା ପାଇଁ ଦାବି**

ଖଡ଼ିଆଳ,(ଡି.ଏନ.ଏ.): ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ି ଚାଲିଥିବାବେଳେ ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଓ ଏନଏସି ଅଞ୍ଚଳରେ ଜଳଛତ୍ରର ଦେଖାନାହିଁ। ପଥିକମାନେ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିୟମ ଅନୁଯାୟୀ ପ୍ରତ୍ୟେକ ଏପ୍ରିଲ ଆରମ୍ଭରୁ ଜଳଛତ୍ର ଖୋଲିବା ନିୟମ ଥିବାବେଳେ ଖଡ଼ିଆଳ ବ୍ଲକ ଓ ଏନ୍ଏସିରେ ବର୍ତ୍ତମାନ ପର୍ଯ୍ୟନ୍ତ ଜଳଛତ୍ର ଖୋଲା ନ ଯିବାରୁ ଜନସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଜଳଛତ୍ର ଖୋଲିବାକୁ ଦାବି ହେଉଛି।

# ଜିଏମ୍ୟୁର ତୃତୀୟ ସମାବର୍ତ୍ତନ ଉତ୍ସବ

**ସମ୍ବଲପୁର,୧୩।୪(ବ୍ୟୁରୋ)**

ଛାତ୍ର ଜୀବନରେ ଯେଉଁ ଶିକ୍ଷା ମିଳିଛି ତାହାକୁ ଉପଯୋଗ କରି ଆଗକୁ ବଢ଼ିବା ଆବଶ୍ୟକ। ତେବେ ଯେଉଁ ସ୍ତରକୁ ଯାଇ ଯାହା କାମ କଲେ ବି ନିଜ ବିଦ୍ୟାଳୟକୁ ମନେ ରଖିବାକୁ ହେବ। ସମାଜ ପ୍ରତି ନିଜ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବାକୁ ପଡିବ ବୋଲି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ( ଜିଏମୟୁ) ପକ୍ଷରୁ ବୁଧବାର ଆୟୋଜିତ ତୃତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କଲିକତା ଯାଦବପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁରଞ୍ଜନ ଦାସ କହିଥିଲେ। ରାଜ୍ୟପାଳ ତଥା କୁଳାଧିପତି ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସେ କହିଥିଲେ ଯେ, ଓଡିଶା ଶିକ୍ଷା ମାନଚିତ୍ରରେ ଜିଏମୟୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ହେବା ଯାତ୍ରାରେ ଏହି ଅନୁଷ୍ଠାନ ଉନ୍ନତ ଶିକ୍ଷା ଓ ଗବେଷଣାକୁ ପାଥେୟ କରିଛି। ଶିକ୍ଷା କ୍ଷେତ୍ରରେ ରାଜ୍ୟରେ ଏକ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ପରିଗଣିତ ହୋଇଛି। ଶିକ୍ଷା ହେଉ କି ଗଣତନ୍ତ୍ର ସବୁ ଆଧ୍ୟାତ୍ମିକ ଭିତ୍ତଭୂମି ଉପରେ ଛିଡା ହୋଇ ବିଶ୍ୱ ପାଇଁ ପଥ ପ୍ରଦର୍ଶକ ପାଲଟିଛି। ସମାରୋହରେ ଜିଏମୟୁ କୁଳପତି ଏନ.ନାଗାରାଜୁ ବିଦ୍ୟାର୍ଥୀ, ଶିକ୍ଷକ, ଭିତ୍ତିଭୂମି, କର୍ମଚାରୀ ନେଇ ବିବରଣୀ ପାଠ କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁଶାନ୍ତ କୁମାର ଦାସ ପଦକ ଓ ଡିଗ୍ରୀଧାରୀଙ୍କ ନାମ ଘୋଷଣା କରିଥିଲେ। କୁଳସଚିବ ଯୋଗଲେଶ୍ୱରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପ କୁଳସଚିବ ଡ. ଉମା ଚରଣ ପତି ସଂଯୋଜନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ତଥା ଆଲୁମନି ଡ. ପ୍ରମୋଦ କୁମାର ମିଶ୍ରଙ୍କୁ ସମ୍ମାନ ସୂଚକ ଡିଲିଟ ପ୍ରଦାନ କରାଯାଇଥିଲା। ସେ ଅନ୍‌ଲାଇନ ମାଧ୍ୟମରେ ବାର୍ତ୍ତା ଦେଇ ତାଙ୍କ କଲେଜ ସମୟ ବିଷୟରେ କହିଥିଲେ। ଦେଶର ବିକାଶରେ ଛାତ୍ରୀଛାତ୍ରମାନଙ୍କ ଭୂମିକା ରହିଛି । ତେଣୁ ସମାଜ ପ୍ରତି ଥିବା ନିଜର ଦାୟିତ୍ୱ ବହନ କରିବାକୁ ସେ ପରାମର୍ଶ ଦେଇଥିଲେ। ସଚିବ ମିଶ୍ରଙ୍କ ଉପସ୍ଥିତିରେ ପ୍ରଫେସର ଶଙ୍କର ପ୍ରସାଦ ମାନପତ୍ର ଗ୍ରହଣ କରିଥିଲେ । ଏହି ଅବସରରେ ୨୧୪ ଜଣ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ ଓ ୩୭ ଜଣଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଥିଲା ।



ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଓ ମଞ୍ଚାସୀନ ଅତିଥିମାନେ।

# ଟିପିଡବ୍ଲ୍ୟୁଓଡିଏଲ୍‌କୁ ଏ-ପ୍ଲସ୍ ଗ୍ରେଡ

**ସମ୍ବଲପୁର,୧୩।୪(ବ୍ୟୁରୋ)**

ଚଳିତବର୍ଷର ବାର୍ଷିକ ସମନ୍ୱିତ ରେଟିଂ ଓ ର୍ୟାଙ୍କିଙ୍ଗ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସଂସ୍ଥା ମାକିନ୍‌ସେ ଆଣ୍ଡ କମ୍ପାନୀ ପକ୍ଷରୁ ପ୍ରସ୍ତୁତ କରାଯାଇଛି । ଏହି ରିପୋର୍ଟରେ (ଟିପିଡବ୍ଲ୍ୟୁଓଡିଏଲ ) ଟିପି ୱେଷ୍ଟର୍ନ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ ଯାହା ଓଡିଶା ସରକାର ଓ ଟାଟା ପାୱାରର ଯୌଥ ଉଦ୍ୟୋଗ ଦ୍ୱାରା ସ୍ଥାପିତ କରାଯାଇଛି ଏବଂ ଏହି ସଂସ୍ଥା ପଶ୍ଚିମ ଓଡିଶାର ୯ ଟି ଜିଲାର ବିଦ୍ୟୁତ ବିତରଣ ଦାୟିତ୍ୱ ୧ ଜାନୁୟାରୀ ୨୦୨୧ଠାରୁ ହାତକୁ ନେଇଛି । ସେହି ସଂସ୍ଥା ଚଳିତ ବାର୍ଷିକ ସମନ୍ୱିତ ରେଟିଂ ଓ ର୍ୟାଙ୍କିଙ୍ଗର ୧୧ତମ ସଂସ୍କରଣରେ ଏ-ପ୍ଲସ ଗ୍ରେଡ ହାସଲ କରିଛି । ଏହି ଟିପିଡବ୍ଲ୍ୟୁଓଡିଏଲ ଓଡିଶାର ଅନ୍ୟ ତିନି ଗୋଟି ଡିସକମ ତୁଳନାରେ ୮୭.୨ ସ୍କୋର ପାଇ ଆଗୁଆ ରହିଛି । ସର୍ବଭାରତୀୟ ସ୍ତରରେ ୫୭ଗୋଟି ଡିସକମକୁ ନେଇ ପ୍ରଦର୍ଶନ ଆଧାରରେ ସେମାନଙ୍କ ରେଟିଂ ଏବଂ ଗ୍ରେଡ ଜାରି କରାଯାଇଥାଏ । ଏଥିପାଇଁ ୨୦୧୯-୨୦ ଠାରୁ ୨୦୨୨-୨୩ ତିନି ଗୋଟି ଆର୍ଥିକ ବର୍ଷର ବିଭିନ୍ନ ପାରାମିଟରର ହିସାବକୁ ବିଚାରକୁ ନିଆଯାଇ ଡିସକମ କମ୍ପାନୀଗୁଡିକର ର୍ୟାଙ୍କିଙ୍ଗ ନିର୍ଦ୍ଧାରିତ କରାଯାଇଥାଏ । ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପାୱାର ଫାଇନାନ୍ସ ଓ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରି ଶକ୍ତି ମନ୍ତ୍ରଣାଳୟ ନିଜେ ନିର୍ଦ୍ଧାରିତ କରିଥିବା ଫ୍ରେମ ୱାର୍କ ଅନୁସାରେ ଏହି ଗବେଷଣା କାର୍ଯ୍ୟ ଏକ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଗବେଷକ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ କରାଯାଇଥାଏ । ଭାରତର ବିଦ୍ୟୁତ ବଣ୍ଟନ ୟୁଟିଲିଟିଙ୍କ ୧୧ତମ ସଂସ୍କରଣ ରିପୋର୍ଟରେ ଏହି ଗ୍ରେଡ ପ୍ରକାଶ ପାଇଛି। ଏହାକୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଏହି ରିପୋର୍ଟ ଜାରି କରାଯାଇଛି ବୋଲି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ପ୍ରେସ ବିବୃତିରେ ସୂଚିତ କରିଛନ୍ତି ।

## ମହାବିଷ୍ଣୁବ ସଂକ୍ରାନ୍ତି ବିଶେଷ

# ପଣା ସଂକ୍ରାନ୍ତି



ଓଡ଼ିଶାବାସୀଙ୍କ ପାଇଁ ପଣା ସଂକ୍ରାନ୍ତି ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପର୍ବ। ଏହି ଦିନଠାରୁ ଓଡ଼ିଆ ନବବର୍ଷ ଆରମ୍ଭ ହୋଇଥାଏ। ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆରମ୍ଭ ହୋଇଥାଏ। ଚଉଁରା ଓ ବେଲଗଛ ମୂଳେ ବେଲପଣା ଭୋଗ ଲଗାଯାଇଥାଏ। ବସୁନ୍ଧରା ଠେକିରେ ଏକ କଣା କରି ସେଥିରେ ଛତୁଆ, ଦହି, ଗୁଡ଼ମିଶା ବେଲପଣା ରଖି ଚଉଁରାରେ ଟଙ୍ଗା ଯାଇଥାଏ। ଏହି ଅବସରରେ ଦକ୍ଷିଣ ଓଡ଼ିଶାରେ ଝାମୁଯାତ, ଦଣ୍ଡନାଚ ଓ ଉତ୍ତର ଓଡ଼ିଶାରେ ଚଡ଼କ ପର୍ବ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। ଦଣ୍ଡପାଟୁଆମାନେ ଠାକୁରାଣୀଙ୍କ ମନ୍ଦିର ଆଗରେ ନିଆଁରେ ଚାଲିଥା'ନ୍ତି। ମହାବିଷ୍ଣୁବ ସଂକ୍ରାନ୍ତିଠାରୁ ଓଡ଼ିଆ ନୂଆବର୍ଷ ଆରମ୍ଭ ହେଉଥିବାରୁ ଘରେ ଘରେ ଦେବଦେବୀଙ୍କ ସ୍ଥାନାନ୍ତର ପୂଜା, ଭୋଗ, ହୋମ ଆଦି ଅନୁଷ୍ଠିତ ହୋଇଥାଏ। ନୂଆ ଓଡ଼ିଆ ପଞ୍ଜିକା ପ୍ରଚଳିତ ହୋଇଥାଏ। ପଣା ସଂକ୍ରାନ୍ତିରେ ଲୋକମାନେ ବ୍ରତ ଧାରଣ କରିଥା'ନ୍ତି। ଏହି ଦିନ ହନୁମାନଙ୍କ ଜୟନ୍ତୀ ହୋଇଥିବାରୁ ହନୁମାନଙ୍କ ପୂଜା ମଧ୍ୟ କରାଯାଇଥାଏ। ଅଗ୍ନି ଓ ବାୟୁଙ୍କ କୋପରୁ ରକ୍ଷା ନିମନ୍ତେ ହନୁମାନଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।

ଓଡ଼ିଆ ଜନଜୀବନରେ ମହାବିଷ୍ଣୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତିର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସଂକ୍ରାନ୍ତି ଦିନଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ ଅନ୍ୟ ଭାବରେ କେହି କେହି ଜଳ ସଂକ୍ରାନ୍ତି ବୋଲି କହିଥା'ନ୍ତି। ଏହି ଦିନରୁ ବାୟୁର ଗତି ପ୍ରଖର ହୋଇଥାଏ ଏବଂ କିଛି ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ବ୍ରାହ୍ମଣ ବା ଯାଚକମାନଙ୍କୁ ସୂର୍ଯ୍ୟଦେବଙ୍କ କୋପରୁ ରକ୍ଷା କରିବା ପାଇଁ ସେମାନଙ୍କୁ ତାଳପତ୍ରରେ ତିଆରି ଛତ୍ର ବା କଠଉ ପାଦୁକା ପ୍ରଦାନ କରିଥାଆନ୍ତି। ଏହି ସଂକ୍ରାନ୍ତିର ଆଉ ଏକ ବିଶେଷତ୍ୱ ହେଉଛି ଆମ ରାଜ୍ୟରେ ପବିତ୍ର ଝାମୁବ୍ରତର ଉଦ୍‌ଯାପନ ହୋଇଥାଏ, ଯାହାକି ଏକ ମାସ ପୂର୍ବରୁ ବ୍ରତଚାରୀମାନେ ଅତ୍ୟନ୍ତ ନିଷ୍ଠାର ସହିତ ପାଳନ କରିଥା'ନ୍ତି। କେବଳ ଓଡ଼ିଶା ନୁହେଁ, ଭାରତର ଉତ୍ତର ଭାଗରେ ମହାବିଷ୍ଣୁବ ସଂକ୍ରାନ୍ତିକୁ ଭିନ୍ନ ଭିନ୍ନ ଆଧ୍ୟାତ୍ମିକ ଭାବନାରେ ପାଳନ କରାଯାଇଥାଏ। ମହାବିଷ୍ଣୁବ ସଂକ୍ରାନ୍ତିଠାରୁ ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ଶ୍ରଦ୍ଧାଳୁମାନେ ଆରମ୍ଭ କରନ୍ତି। ଏହି ବ୍ରତ ଯେଉଁମାନେ ପାଳନ କରନ୍ତି, ସେମାନେ ମହାବିଷ୍ଣୁବ ସଂକ୍ରାନ୍ତିଠାରୁ ନିଜର ମନୋମତ ବ୍ରତ ଆରମ୍ଭ କରି ପୁଣି ବର୍ଷକ ପରେ ମହାବିଷ୍ଣୁବ ସଂକ୍ରାନ୍ତିରେ ଉଦ୍‌ଯାପନ କରନ୍ତି। ମହାବିଷ୍ଣୁବ ସଂକ୍ରାନ୍ତି ଦିନ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ପଣା ଲାଗିର ବିଧି ରହିଛି। ତେଣୁ ମହାବିଷ୍ଣୁବ ସଂକ୍ରାନ୍ତିକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ।



ମହାବିଷ୍ଣୁବ ସଂକ୍ରାନ୍ତି କେବଳ ଓଡ଼ିଶାର ଜନଜୀବନ ମଧ୍ୟରେ ସୀମିତ ନାହିଁ, ଦେଶବିଦେଶରେ ଏହା ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ପଞ୍ଜାବରେ ବୈଶାଖୀ, ଆସାମରେ ବିହୁ, ମିଥିଳାରେ ଜୁଇର ଶିତଲ, ବଙ୍ଗଳାରେ ନବବର୍ଷ, କର୍ଣ୍ଣାଟକରେ ବିଷୁପର୍ବ, କେରଳରେ ବିଷୁ ଏବଂ ତାମିଲନାଡୁରେ ପୁଥାଣ୍ଡୁ ନାମରେ ଏହି ଦିନଟିକୁ ପାଳନ କରାଯାଏ। ଚୈତ୍ର ପର୍ବ ନାମରେ ପରିଚିତ ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ବା ପଟୁଆ ଯାତ୍ରା, ଦଣ୍ଡଯାତ୍ରା, ଉଡ଼ା ଯାତ୍ରା ଆଦି ମହାବିଷ୍ଣୁବ ସଂକ୍ରାନ୍ତି ପୂର୍ବରୁ ଶେଷ ହୋଇଥାଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡ଼କ ପର୍ବ ଏବଂ ଦକ୍ଷିଣ ଓଡ଼ିଶାରେ ମେରୁଯାତ୍ରା ବୋଲି କୁହାଯାଏ। ନବବର୍ଷକୁ ସ୍ୱାଗତ ଜଣାଇବା ପାଇଁ ବିଭିନ୍ନ ସ୍ଥାନରେ ଦଣ୍ଡନାଚ ଅନୁଷ୍ଠିତ ହୋଇଥାଏ। ଆଧ୍ୟାତ୍ମିକ ଚେତନାରେ ମହାବିଷ୍ଣୁବ ସଂକ୍ରାନ୍ତିର ଏକ ସ୍ୱତନ୍ତ୍ରତା ରହିଥାଏ। ମକର ସଂକ୍ରାନ୍ତି, ଫେବୃୟାରୀ ମାସର କୁମ୍ଭ ସଂକ୍ରାନ୍ତି, ମାର୍ଚ୍ଚ ମାସର ମୀନ ସଂକ୍ରାନ୍ତି, ମଇ ମାସର ବୃଷ ସଂକ୍ରାନ୍ତି, ଜୁନ୍ ମାସର ରଜ ସଂକ୍ରାନ୍ତି, ଜୁଲାଇର କର୍କଟ ସଂକ୍ରାନ୍ତି, ଅଗଷ୍ଟର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବରର କନ୍ୟା ସଂକ୍ରାନ୍ତି, ଅକ୍ଟୋବରର ତୁଳା ବା ଗର୍ଭଣା ସଂକ୍ରାନ୍ତି, ନଭେମ୍ବରର ବିଛା ସଂକ୍ରାନ୍ତି ପରି ବା ଧନୁମୁଆଁର ଅବକାଶ ରଖୁଥିବା ଧନୁ ସଂକ୍ରାନ୍ତି ବର୍ଷ ତମାମର ବିଭିନ୍ନ ସଂକ୍ରାନ୍ତି ଭିତରେ ଏହି ସଂକ୍ରାନ୍ତିର ସ୍ଥାନର ଏକ ସ୍ୱତନ୍ତ୍ରତା ଥାଏ। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷ୍ଣୁବର ପବିତ୍ର ପାର୍ବଣ ଆମର ସାମାଜିକ, ଆଧ୍ୟାତ୍ମିକ ଓ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଛି ନିଶ୍ଚୟ।

**-ଡ. ରାଜକିଶୋର ମିଶ୍ର**
ମୋ: ୭୦୦୮୧୮୧୮୨୦




# ଅକ୍ଷୟ ତୃତୀୟାକୁ କୃଷକ ଓ ଅଘରିଆ ଦିବସ ଭାବେ ପାଳନ ନିଷ୍ପତ୍ତି

**ଜମନକିରା,୧୩।୪(ଡି.ଏନ.ଏ.):** ସମ୍ବଲପୁର ଜିଲା ଜମନକିରା ବ୍ଲକ ଭୋଜପୁରଠାରେ ଆସନ୍ତା ୨୩ ତାରିଖ ଅକ୍ଷୟ ତୃତୀୟାକୁ କୃଷକ ତଥା ଅଘରିଆ ଦିବସ ଭାବରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ମିଳିତ ଭାବେ ଅକ୍ଷି ମୁଠି ନେବା ସହ ଅଖିଳ ଭାରତୀୟ ଅଘରିଆ ସମାଜ ବାମଣ୍ଡା ଓ ଲଇଡ଼ା ଆଞ୍ଚଳିକ କମିଟିର ପ୍ରତ୍ୟେକ ଗୁଡ଼ିର କର୍ମକର୍ତ୍ତା ଅଂଶଗ୍ରହଣ କରିବେ ବୋଲି ସମାଜର ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଭୋଜପୁର ଗୁଡ଼ିର ସଭାପତି ଗୋପାଳଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଉପ ସଭାପତି ସତ୍ୟନାରାୟଣ ପଟେଲ, ସମ୍ପାଦକ ଅମରେଶ ଚନ୍ଦ୍ର ନାୟକ, ସହ ସମ୍ପାଦକ ଦିଲିପ କୁମାର ନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମଣ ନାୟକ, ରମେଶ ପଟେଲ, ବିନୋଦ ପଟେଲ, ପ୍ରଶାନ୍ତ ନାୟକ, ସୁରେଶ ପଟେଲ, ଭୂପେଶ ପଟେଲ, ବିରଞ୍ଚି ପଟେଲ, ପ୍ରବୀଣ ପଟେଲ, ମନୋଜ ପଟେଲ, ଅଶ୍ୱିନୀ ନାୟକ, ଧୀରେନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।
















# ବୀର ବଜରଙ୍ଗ ଦଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଜମନକିରା,୧୩।୪(ଡି.ଏନ.ଏ.)**

ସ୍ଥାନୀୟ ହନୁମାନପଡ଼ାରେ ହନୁମାନ ଜୟନ୍ତୀ ଉପଲକ୍ଷେ ବୀର ବଜରଙ୍ଗ ଦଳ ପକ୍ଷରୁ ଗୁରୁବାର ଏକ ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ଏହି ଶୋଭାଯାତ୍ରା ଜମନକିରା ଗାଁ ପରିକ୍ରମା କରିଥିଲା। ଗତ ୭ତାରିଖରୁ ଆରମ୍ଭ ହୋଇଥିବା ଜୟନ୍ତୀ ଉତ୍ସବ ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୮ଦିନ ଧରି ସଂକୀର୍ତ୍ତନ, କୃଷ୍ଣ ଗୁରୁ, ଭଜନ ଆଦି କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରତ୍ୟହ ହନୁମାନ ଚାଳିଶା ପାଠ ହେବା ସହ ସୁନ୍ଦରାକାଣ୍ଡ କରାଯାଇଥିଲା। ମୀନା ବଜାର ଯୋଗୁ ଲୋକଙ୍କ ଭିଡ ଜମିଥିଲା। ହନୁମାନପଡ଼ା ସମେତ ଜମନକିରା ଗ୍ରାମର ବହୁ ମହିଳା, ପୁରୁଷ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶୁକ୍ରବାର ପଣା ଭୋଗ ସହ ଅନ୍ୟ କାର୍ଯ୍ୟକ୍ରମ ରହିଥିବା ନେଇ କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।






